**AMAJA 02-06-2007**

## ଏସ୍‌ସିବିରେ ପ୍ରଥମ ଲାପାରୋସ୍କୋପି ହାର୍ଣ୍ଣିଆ ଅସ୍ତ୍ରୋପଚାର

କଟକ, ତା୧।୬(ସ.ପ୍ର.)– କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ ହସପିଟାଲର ସର୍ଜରୀ ବିଭାଗରେ ପ୍ରଥମ ଥର ପାଇଁ ନିଜ ସର୍ଜନଙ୍କ ଦ୍ୱାରା ଲାପାରୋସ୍କୋପି ପଦ୍ଧତିରେ ହାର୍ଣ୍ଣିଆ ଅସ୍ତ୍ରୋପଚାର କରାଯାଇଛି । ସର୍ଜରୀ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ମାନସରଞ୍ଜନ ସାହୁଙ୍କ ଦ୍ୱାରା ଏହି ଅସ୍ତ୍ରୋପଚାର କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ଶଲ୍ୟ ବିଭାଗର ଖଟିଆ ନମ୍ବର–୪୪୬ରେ ରହି ଚିକିତ୍ସିତ ହେଉଥିବା ରୋଗୀ ବିପିନକୁମାର ବେହେରାଙ୍କର ଡାହାଣପଟ କୋଳଗାତ (ଇଙ୍ଗୁଇନାଲ୍) ହାର୍ଣ୍ଣିଆ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ଏଠାକୁ ଚିକିତ୍ସା ପାଇଁ ଆସିଥିଲେ ଏବଂ ଡଃ ସାହୁ ଏହାକୁ ଲାପାରୋସ୍କୋପି ସାହାଯ୍ୟରେ ଅସ୍ତ୍ରୋପଚାର କରିବାକୁ ସ୍ଥିର କରିଥିଲେ । ଏହି ଅସ୍ତ୍ରୋପଚାରରେ ଡଃ ସାହୁଙ୍କ ସହିତ ଡାକ୍ତର ସୁବ୍ରତ ସାହୁ, ଡାକ୍ତର ସୂର୍ଯ୍ୟକାନ୍ତ ବିଶୋଇ, ନିଶ୍ଚେତକ ଡାକ୍ତର ଶିବପ୍ରସାଦ ମହାନ୍ତି ଓ ଡାକ୍ତର ହରେକୃଷ୍ଣ ନାୟକ ସହଯୋଗ କରିଥିଲେ । ଲାପାରୋସ୍କୋପି ହାର୍ଣ୍ଣିଆର ସବୁଠାରୁ ବଡ଼ ସୁବିଧା ହେଲା, କୋଳଗାତ ହାର୍ଣ୍ଣିଆ ଅସ୍ତ୍ରୋପଚାର ପରେ ଅନ୍ୟାନ୍ୟ ହାର୍ଣ୍ଣିଆ ଯଥା– ଫିମୋରାଲ ହାର୍ଣ୍ଣିଆ ଓ ଅବ୍‌ଟ୍ୟୁରେଟର ହାର୍ଣ୍ଣିଆ ଭବିଷ୍ୟତରେ ବାହାରିବାର କୌଣସି ସମ୍ଭାବନା ନଥାଏ । ଏହି ଅସ୍ତ୍ରୋପଚାର ସେପରି ବ୍ୟୟବହୁଳ ନୁହେଁ । ରୋଗୀ ଦୁଇ ବା ତିନିଦିନ ପରେ ଯେ କୌଣସି କଠିନ କାର୍ଯ୍ୟ ଅନାୟାସରେ କରିପାରିବ ବୋଲି ଡାକ୍ତର ସାହୁ ପ୍ରକାଶ କରିଛନ୍ତି ।

**SAMBADA 03-06-200**

## ଏସ୍‌ସିବିରେ ଲାପୋରୋସ୍କୋପିକ ହାର୍ନିଆ ଅସ୍ତ୍ରୋପଚାର

କଟକ,୨।୬(ଇ.ମି.ସ):ଗତ କିଛିବର୍ଷ ମଧ୍ୟରେ ଲାପୋରୋସ୍କୋପିକ ଅସ୍ତ୍ରୋପଚାରର ଲୋକପ୍ରିୟତା ଅନେକ ପରିମାଣରେ ବୃଦ୍ଧିପାଇଛି । ସାଧାରଣ ଅସ୍ତ୍ରୋପଚାର ତୁଳନାରେ ଛୋଟ କ୍ଷତ, ଦିନେ/ଦୁଇଦିନ ଭିତରେ ରୋଗୀ ଚିକିତ୍ସାଳୟରୁ ଡିସ୍‌ଚାର୍ଜ ହେବା ଓ କମ୍ ଖର୍ଚ୍ଚ ଯୋଗୁଁ ଏଥିପ୍ରତି ଲୋକଙ୍କର ଆଗ୍ରହ ବଢ଼ିବାରେ ଲାଗିଛି । ଡାକ୍ତରମାନେ ମଧ୍ୟ ଏହି ଅସ୍ତ୍ରୋପଚାରକୁ ଅଧିକ ଲୋକପ୍ରିୟ କରାଇବାରେ ବେଶ୍ ଆଗ୍ରହ ଦେଖାଉଥିବା ପରିଲକ୍ଷିତ ହେଉଛି । ପୂର୍ବରୁ ଏସ୍‌ସିବି ମେଡିକାଲରେ ଲାପୋରୋସ୍କୋପି ମାଧ୍ୟମରେ ଗଲ୍ ବ୍ଲାଡର୍ ଷ୍ଟୋନ୍ ଭଳି ଅସ୍ତ୍ରୋପଚାର କରାଯାଉଥିବା ବେଳେ ଶଲ୍ୟଚିକିତ୍ସା ବିଭାଗର ଚିକିତ୍ସକ ଡାକ୍ତର ମାନସ ରଂଜନ ସାହୁଙ୍କ ଦ୍ୱାରା ନିକଟରେ ଜଣେ ରୋଗୀଙ୍କର ସଫଳତାର ସହ ହାର୍ନିଆ ଅସ୍ତ୍ରୋପଚାର କରାଯାଇଛି । ରୋଗୀଜଣକ ମାତ୍ର ୫ ଦିନ ପରେ ସୁସ୍ଥ ହୋଇ ଘରକୁ ଫେରିଯାଇଛନ୍ତି ।

ପାଟକୁରା ଅଞ୍ଚଳର ବିପିନ କୁମାର ବେହେରା ଗତ ଦୁଇବର୍ଷ ଧରି ହାର୍ନିଆ ଯୋଗୁଁ କଷ୍ଟ ପାଉଥିଲେ । ଗତମାସ ୧୯ ତାରିଖରେ ଶଲ୍ୟଚିକିତ୍ସା ବିଭାଗ ଡାକ୍ତର ତାଙ୍କୁ ଆଉଟଡୋର୍‌ରେ ପରୀକ୍ଷା କରିବା ପରେ ଅସ୍ତ୍ରୋପଚାରର ପାଇଁ ଆଡମିଟ୍ କରିଥିଲେ । ଡାକ୍ତର ସାହୁଙ୍କ ସମେତ କନିଷ୍ଠ ଡାକ୍ତର ସୁବ୍ରତ କୁମାର ସାହୁ ଓ ଡାକ୍ତର ସୂର୍ଯ୍ୟକାନ୍ତ ବିଶୋଇ ଏହି ଅସ୍ତ୍ରୋପଚାର କରିଥିଲେ । ପ୍ରାୟ ୫ ମିଲିମିଟର ଓସାରର ତିନିଟି କଣା କରାଯାଇ ତାଙ୍କ ପେଟ ଭିତରର ଚମଡା ନିକଟରେ ୧୫ ମିଲିମିଟର ଓସାର ଓ ୧୫ ମିଲିମିଟର ଲମ୍ବର ଏକ 'ପ୍ରୋଲିନ୍ ନେଟ୍' ପକାଇଥିଲେ । ଏସ୍‌ସିବି ଡାକ୍ତରଙ୍କ ଦ୍ୱାରା ଏହା ପ୍ରଥମ ଲାପୋରୋସ୍କୋପିକ୍ ହାର୍ନିଆ ଅସ୍ତ୍ରୋପଚାର ହୋଇଥିବାରୁ ରୋଗୀଙ୍କୁ ଦୁଇଦିନ ବଦଳରେ ୫ ଦିନ ପରେ ଡିସ୍‌ଚାର୍ଜ କରାଯାଇଥିଲା । ଡାକ୍ତର ସାହୁଙ୍କୁ ଏହି ଅସ୍ତ୍ରୋପଚାରରେ ନିଶ୍ଚେତନ ବିଶେଷଜ୍ଞ ପ୍ରଫେସର ଶିବ ପ୍ରସାଦ ମହାନ୍ତି ଓ ଡା. ହରେକୃଷ୍ଣ ରାୟ ସହଯୋଗ କରିଥିଲେ । ସୂଚନାଯୋଗ୍ୟ, ପୂର୍ବରୁ ଏସ୍‌ସିବିରେ ଅନୁଷ୍ଠିତ ଏକ କର୍ମଶାଳାରେ ଅନ୍ୟ ରାଜ୍ୟରୁ ଆସିଥିବା ଡାକ୍ତରଙ୍କ ଦ୍ୱାରା ଲାପୋରୋସ୍କୋପିକ ହାର୍ନିଆ ଅସ୍ତ୍ରୋପଚାର କରାଯାଇଥିଲା । ଏସ୍‌ସିବିର ନିଜ ଡାକ୍ତରଙ୍କ ଦ୍ୱାରା ଏହା ପ୍ରଥମ ଲାପୋରୋସ୍କୋପିକ୍ ହାର୍ନିଆ ଅସ୍ତ୍ରୋପଚାର ବୋଲି ଡାକ୍ତର ସାହୁ 'ସମ୍ବାଦ'କୁ କହିଛନ୍ତି ।

# STATE OF WELL BEING

Dt-07/06/2010

# Freedom from pain and scars for goitre patients

**Doctors at SCB Medical College & Hospital carried out the first successful laparoscopy surgery on a goitre patient. TOI recounts the tale of the lucky 20-year-old**

Binita Jaiswal | TNN

**Cuttack:** A goitre patient (a person with a swollen thyroid gland) no longer has to undergo a painful procedure that leaves behind ugly scars on the neck. All she needs to do is to undergo a procedure called "laparoscopy". The procedure involves the doctors making two small incisions in the patient's armpit and extracting the enlarged portion of the gland.

Twenty-year-old Aparajita Das was suffering from goitre. But she was scared to undergo the surgery. Her parents were also sceptical to let her take the operation, since it leaves behind ugly marks, that may pose a problem in getting her married. But doctors at SCB Medical College and Hospital solved all her problems. They promised her removal of the goitre sans pain or scars.

It is for the first time in the state that a laparoscopy surgery is being conducted to remove goitre through the armpit. Traditionally, goitre is removed by making a 10-cm slit in the front portion of the neck. The procedure is painful and even left behind an ugly scar.

But the team of doctors, led by Dr Manas Sahoo, conducted the surgery last week. Two incisions were made in the right axilla (armpit) and the goitre was removed. The surgery is called Laparoscopic Transaxillary Hemithyroidectomy. This procedure is followed in most Western countries and even in some parts of India. But this was the first time in Orissa, said doctors at SCB Medical College.

Speaking on the procedure, Dr Sahoo



TOI



A laparoscopy surgery in progress (above) and the patient, Aparajita Das, minutes after the surgery

carbon dioxide gas to reach the 4 cm tumour (goitre). All precautions were taken not to injure any other part of the body and the tumour was removed successfully."

This minimal invasive surgery has come as a boon for goitre patients, as it is not only painless with quick recovery, but also cost effective. A patient has to pay only Rs 7,000 for such surgery at SCB hospital and the patient is discharged only three days after the surgery.

According to doctors, goitre are mainly caused due to deficiency of iodine and is highly prevalent in our state. Mainly women between the age group of 20 -40

neglect it. As a result, the tumour grows larger and gives rise to several other complications.

"This procedure requires us to make only two small holes in the armpit that is almost invisible. The surgery is not only safe but also cost effective," added Dr Sahoo.

The team of doctors has also conducted another unique surgery, in which the diseased appendix was removed by a single incision-laparoscopic surgery. Earlier, in the field of laparoscopic surgery of appendicitis, three incisions were made in the abdomen. But Dr Sahoo operated a patient, Kanhu Charan Sahoo, recently, in which only one incision was

# Koraput gets medical store for the poor

Satyanarayan Pattnaik | TNN

**Koraput:** A Jan Aushadhi store, to provide quality generic medicines at affordable prices, was inaugurated on the premises of the district headquarters hospital at Koraput by Governor Murlidhar Chandrakant Bhandare during his recent visit to the district.


The store comes up in tribal-dominated Koraput after three such stores were opened in and around Bhubaneswar in March. Officials said it is being implemented with the help of Pharma Central Public Sector Units in collaboration with the state health and family welfare department.

"Medicines will be sold at a subsidised rate here. BPL families will get medicines free of cost from the store," said ADMO (public health) Koraput, Naba Ghana Chowdhury.

"Doctors will prescribe generic medicines so that people can take advantage of this store," he added.

Sources said for every store, the government will initially pay Rs 2 lakh as one-time grant and Rs 50,000 as recurring expenses. The Jan Aushadhi campaign is expected to bring about a change in the drug market as it will compel pharma majors to lower their prices.

Also during his visit to Koraput, the Governor inaugurated the village electrification programme under the Ra-



> Medicines will be sold at a subsidised rate here. BPL families will get medicines free of cost from the store. Doctors will prescribe generic medicines so that people can take advantage of this store
>
> **Naba Ghana Chowdhury** | ADMO, KORAPUT

teracted with various self-help group members. He was particularly moved by the work of Mission Shakti.

"Mission Shakti is doing a fantastic job in Koraput. The district is no less beautiful than Switzerland in terms of scenic view. Only we have to eradicate poverty and illiteracy to make it more beautiful. And for this efforts must be made at all levels to ensure that around 90 per cent of funds allocated to the district

SAMBADA 07-07-2006

## ଏସ୍‌ସିବିରେ ବିରଳ ଅସ୍ତ୍ରୋପଚାର

# ରୋଗୀ ପେଟରୁ ଦୁଇଟି ପିତ୍ତକୋଷ ବାହାରିଲା



କଟକ,୬।୭(ଇ.ମି.ସ): ଏସ୍‌ସିବି ମେଡ଼ିକାଲ ଶଲ୍ୟଚିକିତ୍ସା ବିଭାଗରେ ଏକ ବିରଳ ଅସ୍ତ୍ରୋପଚାର କରାଯାଇ ଜଣେ ରୋଗୀଙ୍କ ପେଟରୁ ଦୁଇଟି ପିତ୍ତକୋଷ ବାହାର କରାଯାଇଛି। ପୃଥକ ନାଡ଼ି ଥାଇ ଦୁଇଟି ପିତ୍ତକୋଷ ମିଳିବା ଏହା ରାଜ୍ୟର ପ୍ରଥମ ଘଟଣା ହୋଇଥିବା ବେଳେ ସମଗ୍ର ଦେଶରେ ମଧ୍ୟ ଏଭଳି ବ୍ୟତୀକ୍ରମ କ୍ୱଚିତ୍ ଦେଖାଯାଇଛି ବୋଲି ବହୁ ବରିଷ୍ଠ ଚିକିତ୍ସକ ମତପ୍ରକାଶ କରିଛନ୍ତି। ବାଲେଶ୍ୱର ଜିଲ୍ଲା ଓଉପଦା ଗ୍ରାମର ନିଶାକର ଦାଶଙ୍କ ପୁଅ ତପନ(୧୯) ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ପାଇଁ ପ୍ରଥମେ ବାଲେଶ୍ୱର ଚିକିତ୍ସାଳୟ ଓ ପରେ ଏସ୍‌ସିବି ମେଡ଼ିକାଲ୍‌କୁ ଆସିଥିଲେ। ଶଲ୍ୟଚିକିତ୍ସା ବିଭାଗର ଆସିଷ୍ଟାଣ୍ଟ୍ ପ୍ରଫେସର ଡାକ୍ତର ମାନସ ରଂଜନ ସାହୁଙ୍କ ତତ୍ତ୍ୱାବଧାନରେ ତାଙ୍କର ସମସ୍ତ ପରୀକ୍ଷା କରାଯାଇଥିଲା। ପରୀକ୍ଷା ରିପୋର୍ଟ୍‌ରୁ ତପନଙ୍କ ପିତ୍ତକୋଷ ନାଡ଼ିରେ ଗଣ୍ଠି (କୋଲୋଡୋକାଲ ସିଷ୍ଟ୍) ହୋଇଥିବାର ଅନୁମାନ କରାଯାଇଥିଲା। ପିତ୍ତକୋଷଟିକୁ କାଢ଼ିବା ପାଇଁ ଡାକ୍ତର ସାହୁଙ୍କ ଟିମ୍ ଅସ୍ତ୍ରୋପଚାର ଆରମ୍ଭ କରିଲେ। ହେଲେ ଗୋଟିଏ ପିତ୍ତକୋଷକୁ ଯକୃତରୁ ଅଲଗା କରିବା ପରେ ରୋଗୀଙ୍କ ପେଟ ଭିତରେ ଆଉ ଗୋଟିଏ ପିତ୍ତକୋଷ ଥିବା ଡାକ୍ତର ସାହୁ ଦେଖିଲେ। ସାଧାରଣତଃ ମଣିଷ ପେଟରେ ଗୋଟିଏ ପିତ୍ତକୋଷ ରହୁଥିବା ବେଳେ ତପନଙ୍କ ପେଟରେ ଦୁଇଟି ପିତ୍ତକୋଷ ଥିବା ଦେଖି ଚିକିତ୍ସକ ଦଳ ଉତ୍ସାହିତ ହୋଇପଡ଼ିଥିଲେ। ସାବଧାନତାର ସହ ଦୁଇଟି ଯାକ ପିତ୍ତକୋଷକୁ ଅସ୍ତ୍ରୋପଚାର କରାଯାଇ ବାହାର କରାଯିବା ପରେ ଗୋଟିକର ଓଜନ ୬୦ ଗ୍ରାମ ଓ ଅନ୍ୟଟିର ଓଜନ ୨୫ ଗ୍ରାମ ଥିବା ଦେଖାଯାଇଥିଲା। ଅସ୍ତ୍ରୋପଚାର ପରେ ତପନ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଓ ସିଲେଇ ଖୋଲାଯିବା ପରେ ତାଙ୍କୁ ଡିସଚାର୍ଜ୍ କରିଦିଆଯିବ ବୋଲି ଡାକ୍ତର ସାହୁ 'ସମ୍ବାଦ'କୁ କହିଛନ୍ତି। ସେ ବର୍ତ୍ତମାନ ଶଲ୍ୟଚିକିତ୍ସା ବିଭାଗର ୪୫୩ ନମ୍ବର ଶଯ୍ୟାରେ ଚିକିତ୍ସିତ ହେଉଛନ୍ତି। ଡାକ୍ତର ସାହୁଙ୍କୁ ଏହି ବିରଳ ଅସ୍ତ୍ରୋପଚାରରେ ସ୍ନାତକୋତ୍ତର ଛାତ୍ର ଡାକ୍ତର ଧୀରେନ୍ଦ୍ର ସୋରେନ, ଡାକ୍ତର ସୂର୍ଯ୍ୟକାନ୍ତ ବିଶୋଇ ଓ ଷ୍ଟାଫ୍ ନର୍ସ୍ ଲକ୍ଷ୍ମୀ ମହାନ୍ତି ସହଯୋଗ କରିଥିବା ବେଳେ ନିଶ୍ଚେତକ ଭାବେ ଡାକ୍ତର ପ୍ରମୋଦ କୁମାର ପଲେଇ ଓ ଡାକ୍ତର ସୁଧୀର ମହାପାତ୍ର ସାହାଯ୍ୟ କରିଥିଲେ। ଏଭଳି ବିରଳ ଅସ୍ତ୍ରୋପଚାର ଡାକ୍ତରମାନଙ୍କ ଗବେଷଣା ପାଇଁ ଉପାଦେୟ ହେବା ସହିତ ଭବିଷ୍ୟତରେ ଏହିଭଳି ରୋଗୀଙ୍କ ଚିକିତ୍ସାକୁ ସହଜ କରିପାରିବ ବୋଲି ବରିଷ୍ଠ ଚିକିତ୍ସକ ଭୁବନାନନ୍ଦ ମହାରଣା ଓ ବିମଳ ଚନ୍ଦ୍ର ରଥ ପ୍ରମୁଖ ମତପ୍ରକାଶ କରିଛନ୍ତି।

Dt- 04/08/2010

# ଏସସିବିରେ ପୁଣି ଏକ ସଫଳ ଅସ୍ତ୍ରୋପଚାର

କଟକ (ନି.ପ୍ର): କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଶଲ୍ୟ ବିଭାଗରେ ସୋମବାର ଏକ ସଫଳ ଅସ୍ତ୍ରୋପଚାର କରାଯାଇଛି। ଶଲ୍ୟ ବିଭାଗର ଡାକ୍ତରମାନେ ଲାପାରୋସ୍କୋପିକ ମାଧ୍ୟମରେ ପାନକ୍ରିୟାସ ଗ୍ରନ୍ଥିର ପଥର ସଫଳତାର ସହିତ ଚିକିତ୍ସା କରିଛନ୍ତି।



ଢେଙ୍କାନାଳ ଜିଲା ଅନ୍ତର୍ଗତ କୋଟଗଡ଼ ଗ୍ରାମର ଦୀପକରଞ୍ଜନ ଜେନାଙ୍କ ପେଟରେ ପ୍ରାୟ ୧ବର୍ଷ ହେବ ଯନ୍ତ୍ରଣା ହେଉଥିଲା। ଅଗଷ୍ଟ ମାସ ୧୮ ତାରିଖରେ ଚିକିତ୍ସାପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଶଲ୍ୟ ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ମାନସରଞ୍ଜନ ସାହୁଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ପ୍ରହଲ୍ଲାଦଙ୍କ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯିବା ପରେ ତାଙ୍କର ପାନକ୍ରୀୟାସଗ୍ରନ୍ଥୀରେ ପଥର ହୋଇଥିବା ଜଣାପଡିଥିଲା। ଆଜି ଦୀପକଙ୍କର ଲାପାରୋସ୍କୋପିକ ମାଧ୍ୟମରେ ୪ଟି ଛୋଟ ଛିଦ୍ର କରାଯାଇ ଏହି ଅସ୍ତ୍ରୋପଚାର କରାଯାଇଥିଲା।

ସାଧାରଣତଃ ପାନକ୍ରୀୟାସ ପଥର ହେଲେ ପେଟରେ ୨୫ ସେଣ୍ଟିମିଟର କଟାଯାଇ କରାଯାଇଥାଏ। ଏହି ଅସ୍ତ୍ରୋପଚାରରେ ଡାଃ ସାହୁଙ୍କ ଶଲ୍ୟ ବିଭାଗର ଡାଃ ବିନୟକୁମାର, ଡାଃ ସନ୍ତୋଷ ମଥାପତି, ନିଶ୍ଚେତକ ବିଭାଗର ଡାଃ ନାରାୟଣ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

# କର୍କଟ ରୋଗର ବିରଳ ଅସ୍ତ୍ରୋପଚାର

କଟକ ଅଫିସ: କଟକ ବଡଡାକ୍ତରଖାନାର ସର୍ଜରୀ ବିଭାଗ ଡାକ୍ତରମାନେ ମଙ୍ଗଳବାର ଜଣେ କର୍କଟରୋଗୀଙ୍କ ବିରଳ ଅସ୍ତ୍ରୋପଚାର କରିଛନ୍ତି ଯାହା ଏସସିବିରେ ପ୍ରଥମ ଥର ପାଇଁ ସମ୍ଭବ ହୋଇଛି ବୋଲି ଅସ୍ତ୍ରୋପଚାର କରିଥିବା ଡାକ୍ତରୀ ଦଳ ପ୍ରକାଶ କରିଛନ୍ତି । ଏହି ଅସ୍ତ୍ରୋପଚାର ଲାପ୍ରୋସ୍କୋପି ମାଧ୍ୟମରେ ସମ୍ଭବ ହୋଇଛି । ରୋଗୀଟିର ମଳଦ୍ୱାରରେ କର୍କଟ ରୋଗ ହୋଇଥିଲା ଏହାକୁ ଡାକ୍ତରୀ ଭାଷାରେ କାର୍ଶିନୋମା ରେକ୍ଟମ ବୋଲି କୁହାଯାଏ । ଲାପ୍ରୋସ୍କୋପି ମାଧ୍ୟମରେ ପେଟରେ ମାତ୍ର ୪ଟି କଣା କରାଯାଇ ଅସ୍ତ୍ରୋପଚାର କରାଯାଇଥିଲା । କିନ୍ତୁ ପୂର୍ବରୁ ଏହିପରି ଅସ୍ତ୍ରୋପଚାର ପାଇଁ ପେଟକୁ ୨୦ରୁ ୨୫ସେଣ୍ଟିମିଟର ପର୍ଯ୍ୟନ୍ତ କାଟିବାକୁ ପଡୁଥିଲା । ଫଳରେ ରୋଗୀଟି ଅଧିକ ଯନ୍ତ୍ରଣା ଅନୁଭବ କରୁଥିଲା । ରୋଗୀ ଅନ୍ୟୁନ ୮ଦିନ ପର୍ଯ୍ୟନ୍ତ କୌଣସି କଠିନ ଖାଦ୍ୟ ଗ୍ରହଣ କରିପାରୁ ନ ଥିଲା । ଅସ୍ତ୍ରୋପଚାର ହୋଇଥିବା ସ୍ଥାନଟି ଶୁଖିବାକୁ ୩ମାସ ଲାଗୁଥିଲା କିନ୍ତୁ ଏହି ଅସ୍ତ୍ରୋପଚାର ଦ୍ୱାରା ରୋଗୀଟି ମାତ୍ର ୩ଦିନ ପରେ କଠିନ ଖାଦ୍ୟ ଖାଇବାକୁ ସକ୍ଷମ ହୋଇପାରିବ ଓ ବିଶେଷ ଯନ୍ତ୍ରଣା ଅନୁଭବ କରିବ ନାହିଁ ବୋଲି ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିବା ସର୍ଜରୀ ବିଭାଗ ଆସୋସିଏଟ ପ୍ରଫେସର ଡାକ୍ତର ମାନସ ରଞ୍ଜନ ସାହୁ ପ୍ରକାଶ କରିଛନ୍ତି । ଏହିପରି ଅସ୍ତ୍ରୋପଚାର ପାଇଁ ରାଜ୍ୟ ବାହାରେ କିମ୍ବା ଘରୋଇ ଚିକିତ୍ସାଳୟରେ ୬୦ରୁ ୭୦ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ, କିନ୍ତୁ ଏସସିବିରେ ମାତ୍ର ୬ରୁ ୭ହଜାର ଟଙ୍କା ମଧ୍ୟରେ ଏହା ସମ୍ଭବ ହୋଇପାରିଛି । ଗରିବ ରୋଗୀମାନେ ଏହି ଅସ୍ତ୍ରୋପଚାର କରିବାରେ କୌଣସି ଆର୍ଥିକ ସମସ୍ୟା ରହିବ ନାହିଁ କିମ୍ବା ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହୋଇ ଘରୋଇ ଡାକ୍ତରଖାନାକୁ ଯିବାକୁ ପଡିବ ନାହିଁ ବୋଲି ଡାଃ ସାହୁ ପ୍ରକାଶ କରିଛନ୍ତି । ଏହି ଅସ୍ତ୍ରୋପଚାରରେ ଡାଃ ସନ୍ତୋଷ, ଡାଃ ବିନୟ ସହାୟତା କରିଥିଲାବେଳେ ଡାଃ ନିବେଦିତା ପାଣି ଓ ଡାଃ କଲ୍ୟାଣି ପାଣୀ ନିଶ୍ଚେତକ ଭାବେ କାର୍ଯ୍ୟ କରିଥିଲେ ।



ଡାକ୍ତରମାନେ ଅସ୍ତ୍ରୋପଚାର କରୁଛନ୍ତି ।

Samaja- 09-06-2010

# ଏସସିବିରେ ବିରଳ ଅସ୍ତ୍ରୋପଚାର

କଟକ(ନି.ପ୍ର): କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଶଲ୍ୟ ବିଭାଗରେ ମଙ୍ଗଳବାର ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି । ଶଲ୍ୟ ବିଭାଗର ଡାକ୍ତରମାନେ ଦୀର୍ଘ ୩ଘଣ୍ଟା ଧରି ଲାପାରୋସ୍କୋପିକ ମାଧ୍ୟମରେ ନାଭିରେ ମାତ୍ର ଗୋଟିଏ କଣା କରି ଜଣେ ଯୁବକର ଆପେଣ୍ଡିସାଇଟ ଅସ୍ତ୍ରୋପଚାର କରିଛନ୍ତି । ପୂର୍ବରୁ ନାଭି ଓ ଦୁଇ ପାର୍ଶ୍ୱରେ ୩ଟି କଣା କରାଯାଇ ଅସ୍ତ୍ରୋପଚାର କରାଯାଉଥିଲା । ଯାଜପୁର ଜିଲା ଅନ୍ତର୍ଗତ ଏରବାଙ୍ଗ ଗ୍ରାମର କାହ୍ନୁଚରଣ ସାହୁ ଆପେଣ୍ଡିସାଇଟରେ ଆକ୍ରାନ୍ତ ହୋଇ ଚିକିତ୍ସାପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଡାକ୍ତର ମାନସରଞ୍ଜନ ସାହୁଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଥିଲା । ଏଥିପାଇଁ ରୋଗୀକୁ କମ୍ ଯନ୍ତ୍ରଣା ହେବା ସହିତ ବେକରେ କୌଣସି ପ୍ରକାର ଚିହ୍ନ ରହିବାର ଆଶଙ୍କା କମ୍ । ସାଧାରଣ ଅସ୍ତ୍ରୋପଚାର ବ୍ୟୟ ସାପେକ୍ଷ ହୋଇଥିବାବେଳେ ରୋଗୀ ଶରୀରରେ ଚିହ୍ନ ରହିଥାଏ ଏବଂ ରୋଗୀକୁ ଅଧିକ ଦିନ ଧରି ଚିକିତ୍ସା ହେବାକୁ ପଡିଥାଏ ବୋଲି ଡାଃ ମାନସରଞ୍ଜନ ସାହୁ ପ୍ରକାଶ କରିଥିଲେ । ବଡ ଡାକ୍ତରଖାନାରେ ଏହି ଅସ୍ତ୍ରୋପଚାର ଫଳରେ ଏଣିକି ଜଣେ ଆପେଣ୍ଡିସାଇଟ ରୋଗୀ ୧୦ହଜାର ଟଙ୍କାରୁ କମ୍ ଖର୍ଚ୍ଚରେ ଏଠାରେ ସହଜରେ ଅସ୍ତ୍ରୋପଚାର କରାଇପାରିବ । ଶଲ୍ୟ ବିଭାଗର ଆସୋସିଏଟ ପ୍ରଫେସର ଡାଃ ସାହୁ, ପ୍ରଫେସର ପି.କେ. ଦେବତା, ପ୍ରଫେସର ଏସ. ମହାପାତ୍ର, ଡାଃ ପି.କେ. ମିଶ୍ର, ଡାଃ ରଜତକକୁମାର ମିଶ୍ର ପ୍ରମୁଖ ଅସ୍ତ୍ରୋପଚାରରେ ସହାୟତା କରିଥିଲେ ।



# ଏସ୍‌ସିବିରେ ଏକଛିଦ୍ର ଲାପ୍ - ଆପେଣ୍ଡିସାଇଡ୍ ଅସ୍ତ୍ରୋପଚାର

Samaya- 09-06-2010





କଟକ (ସ.ବ୍ୟୁ.) : କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲରେ ଏକ ଛିଦ୍ର ଲାପ୍ରୋସ୍କପି ଜରିଆରେ ଆପେଣ୍ଡିସାଇଡ୍ ଅସ୍ତ୍ରୋପଚାର ସଫଳତାର ସହିତ ଶେଷ ହୋଇଛି । ସର୍ଜରୀ ବିଭାଗର ଆସୋସିଏଟ୍ ପ୍ରଫେସର ମାନସ ରଂଜନ ସାହୁ ଏବଂ ତାଙ୍କ ସହଯୋଗୀ ଡାକ୍ତର ସନ୍ତୋଷ ଦାସ ଏହି ଅସ୍ତ୍ରୋପଚାର ସଫଳତାର ସହ ଶେଷ କରିଛନ୍ତି । ଏହି ଅସ୍ତ୍ରୋପଚାର ଦ୍ୱାରା ପୂର୍ବରୁ ଆପେଣ୍ଡିସାଇଡ୍ ଅପରେସନ ପାଇଁ ୩ଟି ଛିଦ୍ର ପେଟରେ କରାଯାଉଥିବା ବେଳେ ବର୍ତ୍ତମାନ ଏକ ଛିଦ୍ର ଦ୍ୱାରା ଆପେଣ୍ଡିସାଇଡ୍ ଅସ୍ତ୍ରୋପଚାର କରାଯାଇ ପାରିବ ।

ଏହା ଦ୍ୱାରା ଗରିବ ଲୋକମାନେ ସହଜରେ ଏବଂ କମ୍ ଖର୍ଚ୍ଚରେ ଲାପ୍ରୋସ୍କପି ଅସ୍ତ୍ରୋପଚାର କରି ପାରିବେ ।

ସୂଚନାଯୋଗ୍ୟ ଯେ, ଯାଜପୁର ଜିଲ୍ଲା ଅନ୍ତର୍ଗତ ଏରବାଙ୍କ ରଘୁନାଥପୁର ଅଂଚଳର ନରେନ୍ଦ୍ର ସାହୁଙ୍କ ପୁଅ କାହ୍ନୁ ଚରଣ ସାହୁ ଦୀର୍ଘ ଦିନ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ । ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେବା ପରେ ଏସ୍.ସି.ବି.ରେ ଆସି ଗତ ୫ ତାରିଖରେ ପହଂଚିଥିଲେ । ଡାକ୍ତର ମାନସ ସାହୁ ତାଙ୍କର ଆପେଣ୍ଡିସାଇଡ୍ ଅସ୍ତ୍ରୋପଚାର କରାଯିବ ବୋଲି ପରାମର୍ଶ ଦେଇଥିଲେ । ଆଜି ମଧ୍ୟାହ୍ନରେ କାହ୍ନୁଙ୍କର ଲାପ୍ରୋସ୍କପି ଅସ୍ତ୍ରୋପଚାର କରାଯାଇ ଥିଲା । ଡାକ୍ତର ସାହୁ ବହୁ ପରୀକ୍ଷା ନିରୀକ୍ଷା କରି ଶେଷରେ ଏକ ଛିଦ୍ର ଆପେଣ୍ଡିସାଇଡ୍ ଅସ୍ତ୍ରୋପଚାରରେ ସଫଳତା ହାସଲ କରିଛନ୍ତି ।

Sambada- 09-06-2010

# ଏସ୍‌ସିବିରେ ପ୍ରଥମ ଏକଛିଦ୍ର ଲାପ୍ରୋସ୍କୋପି



କଟକ,୮।୬(ଇମିସ): କଟକ ବଡ଼ ଡାକ୍ତରଖାନାରେ ଆଜି ପ୍ରଥମ ଥର ପାଇଁ ଏକଛିଦ୍ର (ସିଙ୍ଗଲ୍ ଇନ୍‌ସିଜନ) ଲାପ୍ରୋସ୍କୋପିକ୍ ଅପରେସନ୍ ମାଧ୍ୟମରେ ଜଣେ ଯୁବକଙ୍କର ଆପେଣ୍ଡିସାଇଟିସ୍ କରାଯାଇଛି । ଏସ୍‌ସିବିର ଆସିଷ୍ଟାଣ୍ଟ ସର୍ଜନ ଡା.ମାନସ ସାହୁ ଓ ପି.ଜି ଛାତ୍ର ଡା. ସନ୍ତୋଷ ମାଥାପିନ୍ଦା ଏହି ଅପରେସନ୍ କରିଛନ୍ତି । ଯାଜପୁର ଜିଲ୍ଲା ରଘୁନାଥପୁରର କୃଷ୍ଣଚନ୍ଦ୍ର ସାହୁ(୨୪) ରିକରେଣ୍ଟ ଆପେଣ୍ଡିସାଇଟିସ୍‌ରେ ପୀଡ଼ିତ ଥିଲେ । ଗତ ୫ ତାରିଖରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଆଜି ତାଙ୍କ ନାଭିରେ ଗୋଟିଏ ମାତ୍ର ଛିଦ୍ର କରାଯାଇ ଆପେଣ୍ଡିସାଇଟସ୍ ଅପରେସନ୍ କରାଯାଇଛି । ଆପେଣ୍ଡିସାଇଟସ୍‌ର ଲାପ୍ରୋସ୍କୋପି ଅପରେସନ୍‌ରେ ସାଧାରଣତଃ ନାଭି ଓ ଏହାର ଦୁଇ ପାର୍ଶ୍ୱରେ ତିନିଟି ଛିଦ୍ର କରାଯାଇଥାଏ । ଗୋଟିଏ ଛିଦ୍ର ଦ୍ୱାରା ମନିଟରିଂ, ଅନ୍ୟ ଛିଦ୍ରରେ ଅପରେସନ୍ ଏବଂ ତୃତୀୟ ଛିଦ୍ରରେ ଆପେଣ୍ଡିସାଇଟସ୍‌କୁ ବାହାରକୁ କରାଯାଇଥାଏ । ମାତ୍ର ଆଜି କୃଷ୍ଣଚନ୍ଦ୍ରଙ୍କ ନାଭିରେ ମାତ୍ର ଗୋଟିଏ ଛିଦ୍ର କରାଯାଇ ଅପରେସନ୍ କରାଯାଇଥିଲା । ଏସ୍‌ସିବିରେ ଗତ ୧୦ ବର୍ଷ ମଧ୍ୟରେ ୩୦୦ଶହଟି ଲାପ୍ରୋସ୍କୋପିକ୍ ଅପରେସନ କରାଯାଇଥିଲା ବେଳେ ଏହା ପ୍ରଥମ ଏକଛିଦ୍ର ଅପରେସନ୍ । ଆଗାମୀ ଦିନରେ ଏହିପରି ଏକଛିଦ୍ର ଲାପ୍ରୋସ୍କୋପିକ୍ ମାଧ୍ୟମରେ ଗଲ୍‌ବ୍ଲାଡର ଷ୍ଟୋନ୍ ଏବଂ ହାର୍ନିଆ ଅପରେସନ୍ କରାଯାଇପାରିବ ବୋଲି ଡା.ମାନସ ସାହୁ ପ୍ରକାଶ କରିଛନ୍ତି । ଏହି ଅପରେସନ୍‌ରେ ଆନାସ୍ଥେସିଆ ଡାକ୍ତର ଭାବେ ଡା. ପ୍ରଶାନ୍ତ ସାହୁ ଓ ଡା.ରଜତ ବୋଶୀ ସହଯୋଗ କରିଥିଲେ ।


Sambad, 11-05-2010

# ଏସ୍‌ସିବିରେ ବିରଳ ଗଳଗଣ୍ଡ ଅସ୍ତ୍ରୋପଚାର

କଟକ, ୧୦।୫(ଇମିସ): ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ସର୍ଜରୀ ବିଭାଗରେ ଲାପାରୋସ୍କୋପି ସହାୟତାରେ ଆଜି ବିରଳ ଗଳଗଣ୍ଡ ଅସ୍ତ୍ରୋପଚାର କରାଯାଇଛି । ଏସ୍‌ସିବିର ଆସୋସିଏଟ୍ ପ୍ରଫେସର ଡାକ୍ତର ମାନସ ସାହୁ ଦୀର୍ଘ ତିନି ଘଣ୍ଟା ସମୟ ନେଇ ଏହି ସଫଳ ଅସ୍ତ୍ରୋପଚାର କରିଛନ୍ତି । ରୋଗୀର ଡାହାଣ ପଟ କାଖ ତଳେ ତିନିଟି କଣା କରି ସେହି ବାଟେ ୫୦ଗ୍ରାମ ଓଜନ ଓ ୬ ସେଣ୍ଟିମିଟର ଲମ୍ବର ଟ୍ୟୁମରକୁ ବାହାର କରିବାରେ ସଫଳ ହୋଇଛନ୍ତି । ଲାପାରୋସ୍କୋପି ସହାୟତାରେ ଏହା ରାଜ୍ୟର ପ୍ରଥମ ବିରଳ ଅସ୍ତ୍ରୋପଚାର ବୋଲି ଡାକ୍ତର ଶ୍ରୀ ସାହୁ କହିଛନ୍ତି । ସୂଚନାଯୋଗ୍ୟ, ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ ସୁଆମୁଣ୍ଡ ଗ୍ରାମର ରାଜେଶ୍ୱର ଦାସଙ୍କ ଝିଅ ଅପରାଜିତା ଦାସ ଗଳଗଣ୍ଡ ରୋଗର ଶିକାର ହୋଇ ଗତ ତିନି ଦିନ ତଳେ ଏସ୍‌ସିବିରେ ମେଡିକାଲ କଲେଜରେ ଭର୍ତ୍ତି ହୋଇଥିଲେ । ଆଜି ଅପରାହ୍ନରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା । ତେବେ ପୂର୍ବରୁ ବେକର ବାହାରପଟ କଟାଯାଇ ଗଳଗଣ୍ଡ ଅସ୍ତ୍ରୋପଚର। କରାଯାଉଥିଲା । ଯାହାଦ୍ୱାରା ରୋଗୀର ବେକରେ ସବୁଦିନ ପାଇଁ ଦାଗ ରହୁଥିଲା । ରୋଗୀକୁ ଅଧିକ ଦିନ ମେଡିକାଲରେ ରହି ଚିକିତ୍ସିତ ହେବାକୁ ପଡୁଥିଲା । ମାତ୍ର ଏହି ଲାପାରୋସ୍କୋପି ଅସ୍ତ୍ରୋପଚାର ଦ୍ୱାରା ରୋଗୀର ବେକରେ କୌଣସି ଦାଗ ରହିବ ନାହିଁ ଓ ରୋଗ ଶୀଘ୍ର ଉପଶମ ହୋଇପାରିବ । ଡାକ୍ତର ସାହୁ କହିବା ଅନୁଯାୟୀ ଏହା ଏକ ବ୍ୟୟବହୁଳ ଅସ୍ତ୍ରୋପଚାର । ବାହାର ରାଜ୍ୟରେ ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ । ଏସ୍‌ସିବିରେ ମାତ୍ର ୫ ହଜାର ଟଙ୍କାରେ ଏହି ଅସ୍ତ୍ରୋପଚାର କରାଯାଇଛି ବୋଲି ସେ କହିଛନ୍ତି ।

# ଅଢେଇ ଘଣ୍ଟାରେ ଗଳଗଣ୍ଡ ରୋଗର ଅସ୍ତ୍ରୋପଚାର

Dharitri, 11-05-2010



କଟକ ଅଫିସ: କଟକ ବଡ ଡାକ୍ତରଖାନାରେ ସୋମବାର ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି । ଯାହା ଓଡିଶାରେ ପ୍ରଥମ ବୋଲି ଅସ୍ତ୍ରାପଚାର କରୁଥିବା ଡାକ୍ତରମାନେ କହିଛନ୍ତି । ରୋଗୀଙ୍କ ବେକରେ ହୋଇଥିବା ଗଳଗଣ୍ଡ ଗ୍ରନ୍ଥିକୁ ଡାକ୍ତରମାନେ ଲାପ୍ରୋସ୍କୋପି ମାଧ୍ୟମରେ ସଫଳ ଅସ୍ତ୍ରୋପଚାର କରିଛନ୍ତି । ଫଳରେ ବେକରେ କୌଣସି ଦାଗ ସୃଷ୍ଟି ହୋଇନାହିଁ । ଏହି ଅପରେଶନ ପାଇଁ ରୋଗୀଟିର ଡାହଣ କାଖରେ ତିନୋଟି ଛୋଟ ଛୋଟ କଣା କରାଯାଇଥିଲା । ମଝି କଣା ସାହାଯ୍ୟରେ ବେକରେ ହୋଇଥିବା ଗ୍ରନ୍ଥିକୁ ଲାପ୍ରୋସ୍କୋପି ମାଧ୍ୟମରେ ଅତି ସତର୍କତାର ସହ କଢ଼ାଯାଇଥିଲା । ଏହି ପ୍ରକାର ରୋଗ ମୁଖ୍ୟତଃ ଆୟୋଡିନ ଅଭାବରୁ ହୋଇଥାଏ । ପୂର୍ବରୁ ଏହି ରୋଗର ଅସ୍ତ୍ରୋପଚାର ପାଇଁ ବେକର ମଝି ଅଂଶକୁ ୧୦ସେ.ମି. ପର୍ଯ୍ୟନ୍ତ କାଟିବାକୁ ପଡିଥାଏ । ଫଳରେ ବେକରେ ଏକ ଦାଗ ସୃଷ୍ଟି ହୋଇଥାଏ ବୋଲି ଅସ୍ତ୍ରୋପଚାର କରିଥିବା ସର୍ଜରୀ ବିଭାଗର ଡାକ୍ତର ମାନସ ସାହୁ ପ୍ରକାଶ କରିଛନ୍ତି । କରିଥିଲେ ରୋଗୀଙ୍କୁ ପ୍ରାୟ ଲକ୍ଷେ ଟଙ୍କା ଖର୍ଚ୍ଚ କରିବା ସହ ଯନ୍ତ୍ରଣା ସହ୍ୟ କରିବାକୁ ପଡିଥାନ୍ତା । କିନ୍ତୁ ଏହି ମିନିମାଲ ଆକସେସ୍ ସର୍ଜରୀ(ମାସ)ମାଧ୍ୟମରେ ମାତ୍ର ୬ହଜାର ଟଙ୍କାରେ ରୋଗୀକୁ ଗଳଗଣ୍ଡ ରୋଗରୁ ମୁକ୍ତି ଦିଆଯାଇପାରିଲା ବୋଲି ଡାଃ ସାହୁ କହିଛନ୍ତି । ଜଗତସିଂହପୁର ଜିଲା ସୁଆକୁଣ୍ଡ ଗ୍ରାମର ଅପରାଜିତା ଦାସ(୨୦)ଙ୍କ କ୍ଷେତ୍ରରେ ଏହି

ସଫଳତା ମିଳିଛି । ସେ ବର୍ତ୍ତମାନ ସମ୍ପୂ
ସୁସ୍ଥ ହୋଇ ଏସସିବି ସର୍ଜରୀ ବିଭା
ବେଡ ନଂ ୪୫୭ରେ ଅଛନ୍ତି । ଏ
ଅସ୍ତ୍ରୋପଚାର କରିବା ପା
ଡାକ୍ତରମାନଙ୍କୁ ମାତ୍ର ଅଢେଇ ଘଣ୍ଟା ସମ
ଲାଗିଥିଲା । ଏଥିରେ ଡାଃ ସାହୁଙ୍କୁ
ସନ୍ତୋଷ କୁମାର, ପ୍ରଫେସର
ଶିବନାରାୟଣ ମହାନ୍ତି, ପ୍ରଫେସର
ନିବେଦିତା ପାଣି, ଡଃ କଲ୍ୟାଣିବା

31/5/10

ସମାଜ
90 YEARS OF EXCELLENCE
1919 - 2010



# ଏସସିବିରେ ପ୍ରଥମ ଲାପାରୋସ୍କୋପିକ ଥାଇରଏଡ ଅସ୍ତ୍ରୋପଚାର

କଟକ,ତା୧୦।୫(ନି.ପ୍ର):କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଶଲ୍ୟ ବିଭାଗରେ ସୋମବାର ରାଜ୍ୟରେ ପ୍ରଥମଥରପାଇଁ ଲାପାରୋସ୍କୋପି ମାଧ୍ୟମରେ ଥାଇରଏଡ(ଗଳଗଣ୍ଡ)ଅସ୍ତ୍ରୋପଚାର ସଫଳତାର ସହିତ କରାଯାଇଛି। ଶଲ୍ୟ ବିଭାଗର ଡାକ୍ତରମାନେ ଦୀର୍ଘ ୩ଘଣ୍ଟା ଧରି ଜଣେ ଗଳଗ୍ରନ୍ଥି ଆକ୍ରାନ୍ତ ଯୁବତୀର ଏହି ଅସ୍ତ୍ରୋପଚାର କରିଥିଲେ। ପୂର୍ବରୁ ଏସ୍‌ସିବି ସମେତ ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ହସ୍ପିଟାଲରେ ସାଧାରଣ ଅସ୍ତ୍ରୋପଚାର ମାଧ୍ୟମରେ ଏହି ଚିକିତ୍ସା କରାଯାଉଥିଲା। ଅନ୍ୟ ରାଜ୍ୟରେ ଲାପାରୋସ୍କୋପିକ ଅସ୍ତ୍ରୋପଚାର ପାଇଁ ଜଣେ ଜଣେ ରୋଗୀକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା। ଏସ୍‌ସିବିରେ ଏହିସୁବିଧା ଉପଲବ୍ଧ ହେବା ପରେ ଏଣିକି ଜଣେ ରୋଗୀ ମାତ୍ର ୭ହଜାର ଟଙ୍କା ଖର୍ଚ୍ଚରେ ନିଜର ଗଳଗ୍ରନ୍ଥି ଅସ୍ତ୍ରୋପଚାର କରିପାରିବ। ଏହାଦ୍ୱାରା ବହୁ ଗରିବ ରୋଗୀ ଉପକୃତ ହୋଇପାରିବେ।



ଜଗତସିଂହପୁର ଜିଲା ଅନ୍ତର୍ଗତ ଶୁଆଖଣ୍ଡି ଗ୍ରାମର ଅପରାଜିତା ଦାଶ(୨୦)ଗତ ୭ବର୍ଷ ହେବ ଗଳଗଣ୍ଡରେ ଆକ୍ରାନ୍ତ ହୋଇଥିଲେ। ଅପରାଜିତାଙ୍କ ବେକରେ ପ୍ରାୟ ୫ସେଣ୍ଟିମିଟର ବ୍ୟାସାର୍ଦ୍ଧର ଏହି ଗଳଗ୍ରନ୍ଥିଟିକୁ ସାଧାରଣ ଅସ୍ତ୍ରୋପଚାର(ଜେନେରାଲ ସର୍ଜରୀ)କରିବା କଷ୍ଟସାଧ୍ୟ ହୋଇପଡିଥିଲା। ରାଜ୍ୟର କୌଣସି ସରକାରୀ କିମ୍ବା ଘରୋଇ ହସ୍ପିଟାଲରେ ଲାପାରୋସ୍କୋପିକ ମାଧ୍ୟମରେ ଗଳଗଣ୍ଡ ଅସ୍ତ୍ରୋପଚାର ଉପଲବ୍ଧ ହେଉନଥିବାରୁ ତାଙ୍କ ସମସ୍ୟା ବଢିଯାଇଥିଲା। ସେହିପରି ଅପରାଜିତାଙ୍କ ପରିବାରର ଆର୍ଥିକ ସ୍ୱଚ୍ଛଳତା ନଥିବାରୁ ଅନ୍ୟ ରାଜ୍ୟକୁ ଯାଇ ଲାପାରୋସ୍କୋପିକ ଅସ୍ତ୍ରୋପଚାର କରିବା ସମ୍ଭବନଥିଲା। ଗତ କିଛିଦିନ ତଳେ ସେ ଚିକିତ୍ସାପାଇଁ କଟକ ବଡ଼ ଡାକ୍ତରଖାନାକୁ ଆସିଥିଲେ। ଡାକ୍ତରମାନେ ଅପରାଜିତାଙ୍କ ବର୍ଦ୍ଧିତ ଗଳଗ୍ରନ୍ଥିର ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦେଇଥିଲେ। ଗଳଗ୍ରନ୍ଥିଟି ଆକାର ବଡ ହୋଇଥିବାରୁ ଅପରାଜିତାଙ୍କ ଜୀବନପ୍ରତି ବିପଦ ଆଶଙ୍କା ରହିଥିଲା। ତେଣୁ ଏହାକୁ ଲାପାରୋସ୍କୋପିକ ଅସ୍ତ୍ରୋପଚାର କରିବାପାଇଁ ବିଭାଗୀୟ ଡାକ୍ତରମାନେ ନିଷ୍ପତ୍ତି ନେଇଥିଲେ। ଆଜି ସକାଳ ପ୍ରାୟ ୧୧ଟାବେଳେ ଶଲ୍ୟ ବିଭାଗର ଡାକ୍ତରମାନେ ଅପରାଜିତାଙ୍କର ସଫଳତାର ସହିତ ଲାପାରୋସ୍କୋପିକ ଅସ୍ତ୍ରୋପଚାର କରିଥିଲେ। ଲାପାରୋସ୍କୋପିକ ଅସ୍ତ୍ରୋପଚାର ଦ୍ୱାରା ତାଙ୍କ ବେକରେ ହୋଇଥିବା ଗଳଗନ୍ଥିକୁ କଟା ନ ଯାଇ କାଖରେ ୧୦ମିଲିମିଟର ଗୋଟିଏ ଏବଂ ୫ମିଲିମିଟରର ଦୁଇଟି ଛିଦ୍ର କରାଯାଇ ବର୍ଦ୍ଧିତ ଗଳଗ୍ରନ୍ଥିକୁ କାଢି ଦିଆଯାଇଥିଲା। ଏଥିପାଇଁ ରୋଗୀକୁ କମ୍ ଯନ୍ତ୍ରଣା ହେବା ସହିତ ବେକରେ କୌଣସି ପ୍ରକାର ଚିହ୍ନ ରହିବାର ଆଶଙ୍କା କମ୍। ସାଧାରଣ ଅସ୍ତ୍ରୋପଚାର ବ୍ୟୟ ସାପେକ୍ଷ ହୋଇଥିବାବେଳେ ରୋଗୀ ଶରୀରରେ ଚିହ୍ନ ରହିଥାଏ ଏବଂ ରୋଗୀକୁ ଅଧିକ ଦିନ ଧରି ଚିକିତ୍ସା ହେବାକୁ ପଡିଥାଏ ବୋଲି ଡାଃ ମାନସରଞ୍ଜନ ସାହୁ ପ୍ରକାଶ କରିଥିଲେ।

ଅସ୍ତ୍ରୋପଚାର ପରେ ଅପରାଜିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସେ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଚିକିତ୍ସାପାଇଁ ରୋଗୀ ବାହାର ରାଜ୍ୟକୁ ଯିବାକୁ ପଡୁଥିଲା। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲା। ବଡ ଡାକ୍ତରଖାନାରେ ଏହି ଅସ୍ତ୍ରୋପଚାର ଫଳରେ ଏଣିକି ଜଣେ ଗଳଗଣ୍ଡ ଆକ୍ରାନ୍ତ ରୋଗୀ ମାତ୍ର ୧୦ହଜାର ଟଙ୍କାରୁ କମ୍ ଖର୍ଚ୍ଚରେ ଏଠାରେ ସହଜରେ ଅସ୍ତ୍ରୋପଚାର କରାଇପାରିବ। ଶଲ୍ୟ ବିଭାଗର ଆସୋସିଏଟ ପ୍ରଫେସର ଡାଃ ସାହୁ ଓ ଡାଃ ସନ୍ତୋଷକୁମାର ଅପରାଜିତାଙ୍କ ଅସ୍ତ୍ରୋପଚାର କରିଥିବାବେଳେ ପ୍ରଫେସର କୈଳାସଚନ୍ଦ୍ର ମହାପାତ୍ର, ପ୍ରଫେସର ସରୋଜକାନ୍ତ ସାହୁ, ନିଶ୍ଚେତକ ପ୍ରଫେସର ଶିବନାରାୟଣ ମିଶ୍ର, ଡାଃ ନିବେଦିତା ପାଣି ଓ ଡାଃ [illegible] ସହାୟତା କରିଥିଲେ।

ସମାଜ
90 YEARS OF EXCELLENCE 1919 - 2010
ସହର ପ୍ଲସ
୧୪ ଜୁଲାଇ ୨୦୧୦

3000 Sqft

# ଏସସିବିରେ ବିରଳ ଅସ୍ତ୍ରୋପଚାର



କଟକ,(ନି.ପ୍ର): କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଶଲ୍ୟ ବିଭାଗରେ ମଙ୍ଗଳବାର ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ଶଲ୍ୟ ବିଭାଗର ଡାକ୍ତରମାନେ ଲାପାରୋସ୍କୋପିକ ମାଧ୍ୟମରେ ଜଣେ କର୍କଟରୋଗୀର ମଳଦ୍ୱାର ସଫଳ ଅସ୍ତ୍ରୋପଚାର କରିଛନ୍ତି। କଟକ ଜିଲା ଅନ୍ତର୍ଗତ ନିଆଳି ବିନିଷପୁର ଗ୍ରାମର ପ୍ରହଲ୍ଲାଦ ଭୋଇ ମଳଦ୍ୱାର କର୍କଟରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଶଲ୍ୟ ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ମାନସରଞ୍ଜନ ସାହୁଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ପ୍ରହଲ୍ଲାଦଙ୍କ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯିବା ପରେ ତାଙ୍କୁ କର୍କଟରୋଗ ହୋଇଥିବା ଜଣାପଡିଥିଲା। ସାଧାରଣ ମଳଦ୍ୱାର କର୍କଟରୋଗୀର ସାଧାରଣ ଶଲ୍ୟ ଚିକିତ୍ସାରେ ପେଟକୁ ୨୫ରୁ ୩୦ସେମି କଟାଯାଇ ଅସ୍ତ୍ରୋପଚାର କରାଯାଇଥାଏ। କିନ୍ତୁ ଲାପାରୋସ୍କୋପିକ ମାଧ୍ୟମରେ ପେଟରେ ମାତ୍ର ୪ଟି ଛିଦ୍ର କରାଯାଇ ଏହି ଅସ୍ତ୍ରୋପଚାର କରାଯାଇଥିଲା। ରୋଗୀକୁ ଅଧିକ ଦିନ ଧରି ଚିକିତ୍ସା ହେବାକୁ ପଡିଥାଏ ବୋଲି ଡାଃ ସାହୁ ପ୍ରକାଶ କରିଥିଲେ। ୫ଘଣ୍ଟାର ଏହି ଅସ୍ତ୍ରୋପଚାରରେ ଡାଃ ସାହୁଙ୍କୁ ଶଲ୍ୟ ବିଭାଗର ଡାଃ ବିନୟ କୁମାର, ଡାଃ ସନ୍ତୋଷ କୁମାର, ନିଶ୍ଚେତକ ବିଭାଗର ଡାଃ ନିବେଦିତା ପାଣି ଓ କଲ୍ୟାଣ ପାଣି ସହଯୋଗ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରସନ୍ନକୁମାର ଦେବତାଙ୍କୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅସ୍ତ୍ରୋପଚାର କରାଯାଇଥିଲା।

SAMAJA 18-02-2003

## 'ପେପ୍‌ଟିକ ଅଲସର୍‌ର 'ଲାପାରୋସ୍କୋପି' ଚିକିତ୍ସା

ଆଜିକାଲି ଲାପାରୋସ୍କୋପି କେବଳ ପିତ୍ତକୋଷ ପଥର ଓ ଆପେଣ୍ଡିସାଇଟିସ୍ ଚିକିତ୍ସା ପାଇଁ ସୀମିତ ହୋଇରହି ନାହିଁ । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଶଲ୍ୟ ବିଭାଗରେ ପ୍ରଥମ ଥର ପାଇଁ ଜଣେ ଢ଼ୁଓଡିନାଲ, ଅଲସର୍ ରୋଗୀ ନରେଶ କୁମାର ମହନ୍ତଙ୍କର ପ୍ରଫେସର ଯାଦବ ନାରାୟଣ ସାଠିଆଙ୍କ ପ୍ରେରଣାରେ ଅଧ୍ୟାପକ ଡାକ୍ତର ମାନସ ରଞ୍ଜନ ସାହୁ ସଫଳତାର ସହିତ ଲାପାରୋସ୍କୋପି ମାଧ୍ୟମରେ ଶଲ୍ୟ ଚିକିତ୍ସା କରିଛନ୍ତି । ଚିରାଚରିତ ପ୍ରଥାରେ ଡୁଓଡ଼ିନାଲ, ଅଲସର ବା ଗ୍ରହଣୀ ଘା'ରେ କୋଡ଼ିଏ ସେ:ମି ଦୈର୍ଘ୍ୟର ପେଟ କଟାଯାଏ । ରୋଗୀ ଦଶଦିନ ପର୍ଯ୍ୟନ୍ତ ହସପିଟାଲ୍‌ରେ ରହିବାକୁ ପଡ଼ିଥାଏ ; କିନ୍ତୁ ଡାକ୍ତର ସାହୁ ନରେଶଙ୍କ ପେଟରେ ଚାରୋଟି ଛୋଟ ଛୋଟ ଛିଦ୍ର କରି ପାକସ୍ଥଳୀରେ ଅମ୍ଳକ୍ଷରଣ କରୁଥିବା ''ଭାଗସ ନର୍ଭ''କୁ କାଟିଥିଲେ ଏବଂ ଚାରି ସେ:ମି କାଟି ପାକସ୍ଥଳୀ ଓ ଅନ୍ତନାଳୀକୁ ଯୋଡ଼ିଥିଲେ । ଏହାଦ୍ୱାରା ରୋଗୀ ଦୁଇଦିନରେ ସୁସ୍ଥ ହୋଇପାରିଲା ଓ ଶୀଘ୍ର କାର୍ଯ୍ୟକ୍ଷମ ମଧ୍ୟ ହୋଇପାରିଲା ।

ସଂଯୋଜନା : ସତ୍ୟ ରାୟ

## ଏସସିବିରେ ପ୍ରଥମ ଏଣ୍ଡୋସ୍କୋପି ଅସ୍ତ୍ରୋପଚାର

କଟକ,(ନି.ପ୍ର): କଟକ ବଡ଼ ଡାକ୍ତରଖାନାରେ ପ୍ରଥମଥର ପାଇଁ ସଫଳତାର ସହିତ ଏଣ୍ଡୋସ୍କୋପି ଅସ୍ତ୍ରୋପଚାର କରାଯାଇଛି । ବର୍ତ୍ତମାନ ରୋଗୀର ସ୍ୱାସ୍ଥ୍ୟବସ୍ଥା ସମ୍ପୂର୍ଣ୍ଣ ସୁସ୍ଥ ରହିଛି । ପୂର୍ବରୁ ଏ ପ୍ରକାର ଅସ୍ତ୍ରୋପଚାର ଡାକ୍ତରଖାନାରେ କରାଯାଇନଥିଲା । ପିତ୍ତକୋଷରେ ପଥର ଅସ୍ତ୍ରୋପଚାର ହେବାର କିଛିଦିନ ପରେ ଉକ୍ତ ରୋଗୀର ପିତ୍ତନଳୀରେ ମଧ୍ୟ ପଥର ହୋଇଥାଏ । ଏହିପରି ଜଣେ ରୋଗୀ ଭଦ୍ରକ କେଶରପୁର ଗ୍ରାମର ତୁଳସୀ ପଣ୍ଡା ବଡ ଡାକ୍ତରଖାନା ଶଲ୍ୟ ବିଭାଗର ଆସୋସିଏଟ ପ୍ରଫେସର ଡାକ୍ତର ମାନସରଞ୍ଜନ ସାହୁଙ୍କ ୱାର୍ଡରେ ଭର୍ତ୍ତି ହୋଇଥିଲେ । ବିଭିନ୍ନ ପରୀକ୍ଷା ନୀରିକ୍ଷା ପରେ ତାଙ୍କ ପିତ୍ତନଳୀରେ ୮ ମିମି ବ୍ୟାସାର୍ଦ୍ଧର ଏକ ପଥର ରହିଥିବା ଜଣାପଡିଥିଲା । ଡାଃ ସାହୁଙ୍କ ସହ ଡାଃ ସରୋଜକାନ୍ତ ସାହୁ ମିଳିତଭାବେ ଏହି ଅସ୍ତ୍ରୋପଚାର କରିଥିଲେ ।




ବୁଧବାର ଆକାଶ ନିର୍ମଳ ରହିବା ସହ ଘଣ୍ଟାପ୍ରତି ୭କି.ମି. ବେଗରେ ପବନ ବହିପାରେ । ରାତିରେ ତାପମାତ୍ରା ୧୪°, ସକାଳେ ୧୯°, ମଧ୍ୟାହ୍ନରେ ୨୬° ଓ ସଂଧ୍ୟାରେ ୧୯° ସେଲସିୟସ ରହିପାରେ । ଗତକାଲି ସର୍ବନିମ୍ନ ୧୪° ଓ ସର୍ବୋଚ୍ଚ ତାପମାତ୍ରା ୨୫° ସେଲସିୟସ ଥିବା ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

କଟକ ସମ୍ବାଦ ■ ୨୧ ଡିସେମ୍ବର ୨୦୧୧

THE TIMES OF INDIA
INCLUSIVE OF BHUBANESWAR TIMES
DECEMBER 22, 2011 | PAGES 20 | PRICE ₹ 3.50

Dt - 22/12/2011

# SCB makes a surgical breakthrough

Binita Jaiswal | TNN

**Cuttack:** Surgeons of SCB Medical College and Hospital have removed a patient's appendix through her vagina. Doctors claimed that this is for the first time a Transvaginal Laparoscopic Appendectomy has been conducted in Odisha by using Natural Orifice Trans Enteric Surgery (NOTES) technique.

The surgery was conducted on Malati Behera (27). Doctors said this non-incisive surgery not only reduces pain but also helps in quick recovery. Surgeons in the other parts of the country have been using the technique for the last three years and removing appendix and gall bladder through natural orifices like vagina, mouth and rectum.

"Transvaginal surgery is one of the safest alternatives

## RARE APPENDIX SURGERY

to traditional laproscopic surgery because it uses an easily accessible natural orifice of the patient to remove the diseased part. Patient bears less pain and recovers fast. The surgery is cheaper and in SCB it costs Rs 4,000," said Dr Manas Sahoo, who conducted the surgery.

Malati was diagnosed will acute appendicitis. Since the hospital had experience in removing appendix with single incision this time the doctors decided to use NOTES technique and the surgery was successful. "Conducting the surgery successfully in a government hospital is a big achievement for us as poor patients will be benefitted," Dr Sahoo said.

No sophisticated equipment is required for the surgery but these operations are conducted by trained surgeons. "We have to take utmost care that no vital organ of the patient is damaged during the surgery," said Dr Sahoo. He was assisted by Dr Lopamudra and Dr Arun Kumar in the surgery.

The patient is also happy after undergoing the scar-free surgery. "I am really happy as the surgery is completely incision-free and scar-free. The pain is also much lesser," said Malati.